## ନାବାଳିକାଙ୍କୁ ବଳାତ୍କାର, ଜଣେ ଗିରଫ

ସମ୍ବଲପୁର,(ବ୍ୟୁରୋ)- ସମ୍ବଲପୁର ଜିଲା ଯୁଯୁମୁରା ଥାନା ଅଧୀନ ଛାମୁଣ୍ଡା ଅଞ୍ଚଳରେ ଜଣେ ମାନସିକ ଅନଗ୍ରସର ନାବାଳିକାଙ୍କୁ ସୋମବାର ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଫଗୁନୁ ମିର୍ଦ୍ଧା (୫୫)ଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏ ନେଇ ଯୁଯୁମୁରା ଥାନାରେ ଏକ ମାମଲା (ନଂ.୧୩୭/୨୦) ରୁଜୁ ହୋଇଛି ।

# ସଂକ୍ଷେପରେ

## ୪୦ ଫୁଟ ଉପରୁ ପଡ଼ି ଶ୍ରମିକ ମୃତ

**ରେଙ୍ଗାଲି, ୬।୧୦ (ଡି.ଏନ.ଏ):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ଥାନା ଅନ୍ତର୍ଗତ ଗୁଲାମାଲ ପ୍ରଧାନପାଲିଠାରେ ନିର୍ମାଣାଧୀନ କାର୍ଟୁନ କାରଖାନାରେ ମଙ୍ଗଳବାର ଏକ ଅଘଟଣ ଘଟିଛି । କାରଖାନାରେ କାମ କରୁଥିବା ବେଳେ ପ୍ରାୟ ୪୦ ଫୁଟ ଉପରୁ ଖସି ପଡିବାରୁ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କଦେଲପିଠା ଗ୍ରାମର ସୁରେନ୍ଦ୍ର ବଢ଼େଇ (୨୧) । ସେ ସୋମବାର ଅପରାହ୍ନ ୨ଟା ସମୟରେ ନିର୍ମାଣାଧୀନ କାର୍ଟୁନ କାରଖାନାରେ କରୁଥିଲେ । କୌଣସି କାରଣ ବଶତଃ କାର୍ଯ୍ୟ କରୁଥିବା ସମୟରେ ସେ ଉପରୁ ତଳକୁ ଖସି ପଡିଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ ବୁର୍ଲା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । କତରବଗା ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ମଦ ବିକ୍ରି ବନ୍ଦ ଦାବିକଲେ ଗ୍ରାମବାସୀ

**ବଡଗାଁ, ୬।୧୦ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରଗଡବାହାଲ ଓ ଦାଣ୍ଡଜମରା ଗ୍ରାମରେ ଦେଶୀମଦ ଅବାଧ ବିକ୍ରି ଚାଲିଛି। ଏଥିଯୋଗୁ ଗାଁରେ ଅଶାନ୍ତିକର ପରିବେଶ ସୃଷ୍ଟି ହେଉଛି। ଗ୍ରାମବାସୀ ମଦବିକ୍ରି ବନ୍ଦ କରିବାକୁ କହି ଆସୁଥିଲେ ମଧ ମଦ ବିକ୍ରେତାମାନେ ସେଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହା ବିରୋଧରେ ସେମାନେ ପ୍ରତିବାଦର ସ୍ୱର ଉଠାଇଛନ୍ତି। ଗତ ମାସ ୨୨ ତାରିଖ ଉଭୟ ଗ୍ରାମର ଲୋକେ ବୈଠକ କରିଥିଲେ। ସେଠାରେ ମଦ ବିକ୍ରି କଲେ ୫ବର୍ଷ ସାମାଜିକ ବାସନ୍ଦ ସହିତ ୫୦ ହଜାର ଟଙ୍କା ଜରିମାନା, ବାସନ୍ଦ ହୋଇ ବିକ୍ରି କଲେ ଗାଁରେ ବସବାସ କରିବାକୁ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହିତ ନିଶା ନିବାରଣ ପାଇଁ ପ୍ରତ୍ୟେକ ପଡାରେ କମିଟିମାନ ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହି ଅନୁଯାୟୀ ଗରଗଡବାହାଲ ଗ୍ରାମରେ ଜଣେ ବ୍ୟକ୍ତି ମଦ ବିକ୍ରି କରୁଥିବା ଜାଣି କମିଟି କର୍ମକର୍ତ୍ତା ସୋମବାର ରାତିରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ୧୦ଲିଟର ଦେଶୀ ମଦ ଜବତ କରିବା ସହ ବିକ୍ରେତା ବିଘ୍ନେଶ୍ୱର ଲାକ୍ରାଙ୍କୁ ଧରିଥିଲା। ବଡ଼ଗାଁ ଥାନା ଅଧିକାରୀ ଭଗବାନ ପୂଜାରୀ ମଦ ବିକ୍ରେତାଙ୍କୁ ଡକାଇ ବିକ୍ରି ବନ୍ଦ କରିବାକୁ କହିଥିବା ଜଣାପଡିଛି।

## ଭୁଶୁଡ଼ି ପଡ଼ିଛି ପରିମଳ ବ୍ୟବସ୍ଥା

**ଲୋଇସିଂହା, ୬।୧୦(ଡି.ଏନ.ଏ):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ଗ୍ରାମରେ ପରିମଳ ବିପର୍ଯ୍ୟସ୍ତ ହୋଇପଡିଛି। ନଅଗାଁ(ଖ) ଗ୍ରାମକୁ ଦୁଇଟି ସଂଯୋଗୀକରଣ ରାସ୍ତା ରହିଛି। ଗୋଟିଏ ରୁଗୁଡିଖାଲ ଓ ଅନ୍ୟଟି ବୁର୍ଡା ଗ୍ରାମ ୨୬ନଂ ଜାତୀୟ ରାଜପଥ ଦେଇ। ବୁର୍ଡା -ବାଟମଙ୍ଗଳା ରାସ୍ତାରେ ଥିବା ପଲ୍ଲୀ ଆଲୋକ ପାଠାଗାର ନିକଟରେ ଏକ ଖତଗଦା ରହିଛି। ଏଥିରୁ ଆବର୍ଜନା ପାଣି ରାସ୍ତା ଉପରକୁ ଆସୁଛି । ସେହିପରି ରୁଗୁଡିଖାଲ ଗ୍ରାମର ପ୍ରବେଶ ପଥର ଉଭୟ ପାର୍ଶ୍ୱରେ ବହୁ ଖତ ଗଦା ରହିଛି। ଏହାବାଦ୍ କେତେକ ବ୍ୟକ୍ତି ଘରର ବର୍ଜ୍ୟବସ୍ତୁକୁ ଆଣି ଏଠି ପକାଇ ଦେଉଛନ୍ତି। ଏଠି ବାହ୍ୟମଳମୁକ୍ତ ଗାଁର ଏକ ସୂଚନା ଫଳକ ଲାଗିଛି ଯାହାସ୍ୱଚ୍ଛ ଭାରତ ଅଭିଯାନକୁ ଉପହାସ କରୁଛି । ସେହିପରି ଗ୍ରାମ୍ୟବସ୍ତିର ବିଭିନ୍ନ ସ୍ଥାନରେ ଆବର୍ଜନା ଭରି ରହିଛି। ଏଥିଯୋଗୁ ଏଠାରେ ମଶା, ମାଛିଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । ପଞ୍ଚାୟତ କର୍ତ୍ତୃପକ୍ଷ, ଗାଁ କଲ୍ୟାଣ ସମିତି ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭଙ୍ଗାଘରେ ବୃଦ୍ଧା ମା', ୨ଭିନ୍ନକ୍ଷମ ଭଉଣୀ

ସୋନପୁର, ୬।୧୦(ନି.ପ୍ର.)


ନିଜ ଘର ସମ୍ମୁଖରେ ଖୁଣ୍ଟବନ୍ଧ ଗ୍ରାମର ଅସହାୟ ପରିବାର ।

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ବଘିଆ ପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟବନ୍ଧ ଗାଁର ଲକ୍ଷ୍ମୀ ହରିପାଲ(୮୦)। ସ୍ୱାମୀ ଢେରଦିନରୁ ଆରପାରିକୁ ଚାଲିଗଲେଣି। ବାର୍ଦ୍ଧକ୍ୟ ହେତୁ ସେ ଚଲାବୁଲା କରି ପାରୁନାହାନ୍ତି। ବଡ଼ଝିଅ ପଙ୍କଜିନୀ(୫୦) ଭିନ୍ନକ୍ଷମ । ଗୋଡ, ହାତ ନାହିଁ କହିଲେ ଚଳେ। ଲମ୍ବ କେବଳ ୮ରୁ ୯ ଇଞ୍ଚ। ଗୁରୁଣ୍ଡି ଗୁରୁଣ୍ଡି ଚାଲନ୍ତି। ଲକ୍ଷ୍ମୀଙ୍କ ସାନ ଝିଅ ଶକୁନ୍ତଳାଙ୍କ ବୟସ(୪୫)। ସେ ସମ୍ପୂର୍ଣ୍ଣ ଭିନ୍ନକ୍ଷମ। ବସିବା ଜାଗାରୁ ଉଠି ପାରୁନାହାନ୍ତି। ଘରଡିହ ବ୍ୟତୀତ ଏହି ଅସହାୟ ପରିବାର ପାଖରେ ଅନ୍ୟ କୌଣସି ଭୂସମ୍ପତ୍ତି ନାହିଁ। ବୃଦ୍ଧ ମା' ଓ ଦୁଇ ଭଉଣୀଙ୍କ ଭିନ୍ନକ୍ଷମ ଭତ୍ତା ସାଙ୍ଗକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମିଳୁଥିବା ଚାଉଳ ଜୀବନ ଯାହା ବଞ୍ଚାଇଛି। ପଙ୍କଜିନୀ କିନ୍ତୁ ଭାଙ୍ଗି ପଡିନାହାନ୍ତି। ଶତ ପ୍ରତିଶତ ଭିନ୍ନକ୍ଷମ ହୋଇ ମଧ ପରିବାର ଦାୟିତ୍ୱ ନିଜ ମୁଣ୍ଡକୁ ନେଇଛନ୍ତି। ନିଜେ ରୋଷେଇ କରି ମା' ଓ ସାନ ଭଉଣୀଙ୍କୁ ଖାଇବାକୁ ଦେଉଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ପାଇଁ ବହୁ ଯୋଜନା କରିଛନ୍ତି। କିନ୍ତୁ ଯୋଜନାର କ୍ରିୟାନ୍ୱୟନ ତୃଣମୂଳସ୍ତରରେ ଠିକ୍ ଭାବେ ହୋଇପାରୁନି। ଲକ୍ଷ୍ମୀଙ୍କ ଭଳି ପରିବାର ନିକଟରେ ଯୋଜନା ପହଞ୍ଚି ପାରୁନି। ଭଙ୍ଗାଘରେ ରହୁଥିବା ଏହି ପରିବାର ବର୍ଷା ଦିନେ ହୀନସ୍ତା ହେଉଛନ୍ତି। ପଡ଼ିଶା ଘରେ ଜୀବନ ଅତିବାହିତ କରୁଛନ୍ତି। ତେଣୁ ଆବାସ ଯୋଜନାରେ ଘର ପାଇଁ ପଙ୍କଜିନୀ ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ ଅଧକ୍ଷାଙ୍କୁ ବହୁବାର ଭେଟିଛନ୍ତି। ପଞ୍ଚାୟତ ଠୁ ଆରମ୍ଭ କରି ବ୍ଲକ ଅଫିସକୁ ଗୁରୁଣ୍ଡି ଗୁରୁଣ୍ଡି ଯାଇଛନ୍ତି। ଜିଲାପାଳଙ୍କ ଜନଶୁଣାଣି ଶିବିରକୁ ଅଭିଯୋଗ ନେଇ ନୟାନ୍ତ ହୋଇଛନ୍ତି। ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ନିଜର ଦୁଃଖ ଜଣାଇଛନ୍ତି। କିନ୍ତୁ ଏହି ଅସହାୟ ପରିବାରକୁ ଘର ମିଳିପାରିନି। ପଙ୍କଜିନୀ କୁହନ୍ତି, ସରକାର ଭିନ୍ନକ୍ଷମ ଭତ୍ତା ଓ ଚାଉଳ ଦେଉଛନ୍ତି। ପକ୍କାଘର ମିଳିଲେ ଆମେ ଖରା ବର୍ଷାରେ ସୁରକ୍ଷିତ ଭାବେ ରହିପାରନ୍ତୁ। କିନ୍ତୁ ସେ ସୌଭାଗ୍ୟ ଆମକୁ ମିଳୁନି। ଏ ସମ୍ପର୍କରେ ବିଡିଓ ଚିନ୍ମୟୀ କୁଅଁରଙ୍କୁ ପଚାରିବାରୁ ଏହି ପରିବାର ଏସ୍ଇସିସି (ସାମାଜିକ, ଅର୍ଥନୈତିକ, ଜାତିଗତ ଜ ନ ଗ ଣ ନ । ) ତାଲିକାରେ ନାହିଁ। ତେଣୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଦିଆଯାଇ ପାରୁନି। ଏସ୍ଇସିସିରେ ନାମ ସଂଯୋଗ ପାଇଁ ଆବେଦନ କରାଯାଇଛି। ନାମ ସଂଯୋଗ ହେଲେ ଅଗ୍ରାଧିକାର ଭିତ୍ତିରେ ଏହି ପରିବାରକୁ ଯୋଜନାରେ ସାମିଲ କରାଯିବ। ସରକାରଙ୍କ ବିଭିନ୍ନ ନିୟମ ଓ କଟକଣା ଭିତରେ ଭିନ୍ନକ୍ଷମ ପରିବାରକୁ କେବେ ନ୍ୟାୟ ମିଳିବ ତାହା ଖୁଣ୍ଟବନ୍ଧ ଗ୍ରାମବାସୀ ଅପେକ୍ଷା କରିରହିଛନ୍ତି ।

- ବାରମ୍ବାର ଆବେଦନ କରି ସୁଫଳ ମିଳୁନି
- ଏସ୍ଇସିସି ତାଲିକାରେ ନାଁ ନ ଥିବାରୁ ସମସ୍ୟା: ବିଡିଓ

## ପଲିଥିନ ଢଙ୍କା କୁଡ଼ିଆରେ ଭିନ୍ନକ୍ଷମ ଶରତ

### ଆବାସ ଯୋଜନା କାହା ପାଇଁ

ବିନିକା, ୬।୧୦(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଶଙ୍କରା ପଞ୍ଚାୟତ ଅନ୍ତର୍ଗତ କୌଡିଆମୁଣ୍ଡା ଗ୍ରାମର ଶରତ ପଣ୍ଡା(୫୫)। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେ ୬୦ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଛନ୍ତି। ପଲିଥିନ ଢଙ୍କା ଭଙ୍ଗା କୁଡିଆରେ ତାଙ୍କ ଦିନ ବିତୁଛି। ହେଲେ ଅଦ୍ୟାବଧି ତାଙ୍କୁ ଆବାସ ଯୋଜନାରେ ଘର ମିଳିନାହିଁ। ଫଳରେ ନିଜ ପରିବାର ସହ ସେ ଦୁର୍ବିଷହ ଜୀବନ ବିତାଉଛନ୍ତି। ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଉନ୍ନୟନମୂଳକ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ଆବାସ ଯୋଜନା ଯେମିତି ତାଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି।

ଶରତଙ୍କୁ ଯେତେବେଳେ ୧୦ବର୍ଷ ହୋଇଥିଲା ସେତେବେଳେ ତାଙ୍କ ବାମ ହାତ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଥିଲା। ବିଭିନ୍ନ ସ୍ଥାନରେ ଚିକିତ୍ସା କରାଇଲେ ବି କୌଣସି ସୁଫଳ ମିଳିଲା ନାହିଁ। ବଡ଼ ହେବା ପରେ ସେ ଗୋଟିଏ ହାତରେ କାମ କରି କୌଣସି ମତେ ତାଙ୍କ ସଂସାର ଚଳାଇ ଆସୁଛନ୍ତି। ତାଙ୍କ ପରିବାର କହିଲେ ସ୍ତ୍ରୀ ମନ୍ଦାକିନୀ(୫୦) ଏବଂ ୧୭ବର୍ଷର ଝିଅ । ଘର କହିଲେ ଝାଟିମାଟି ବଖରାଏ। ଚଳିତବର୍ଷର ଲଗାଣ ବର୍ଷା ପରେ ତାହା ଭାଙ୍ଗି ଯାଇଛି। ଏବେ ଏହି ଭଙ୍ଗା କୁଡିଆ ଉପରେ ସେ ପାଲଢାଙ୍କି ପରିବାର ସହ ରହୁଛନ୍ତି। ଏହି ପରିବାରକୁ ଶଙ୍କରା ପଞ୍ଚାୟତ ପକ୍ଷରୁ ମାସିକ ୧୫ କେଜି ଚାଉଳ ଓ ଭିନ୍ନକ୍ଷମ ଭତ୍ତା ବାବଦରେ ମାସିକ ୫ଶହ ଟଙ୍କା ମିଳୁଛି। ଏବେ ଶରତ ପୂର୍ବପରି କାମ କରିପାରୁନାହାନ୍ତି । ଏପରିସ୍ଥଳେ ଦୀର୍ଘବର୍ଷ ହେଲା ସେ ଆବେଦନ କରିଥିଲେ ହେଁ ତାଙ୍କୁ ଆବାସ ଯୋଜନାରେ ଘର ମିଳି ପାରିନାହିଁ। ଶରତଙ୍କ ନାମ ଏସ୍ଇସିସି ତାଲିକାରେ ରହିଛି। ମାତ୍ର ତାଙ୍କୁ ଏହି ଯୋଜନାରେ ଘର ମିଳି ପାରୁନାହିଁ। ଘର ପାଇବା ପାଇଁ ପଞ୍ଚାୟତ ଅଫିସଠାରୁ ବ୍ଲକ କାର୍ଯ୍ୟାଳୟ ଯାଏ ଦୌଡିଥିଲେ ମଧ କୌଣସି ସୁଫଳ ମିଳିନାହିଁ । ଖରା, ବର୍ଷା, ଶୀତରେ ଏହି ପରିବାର ଦୟନୀୟ ଜୀବନ ବିତାଉଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଯଥାଶୀଘ୍ର ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ଶଙ୍କରା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ରଥଙ୍କୁ ପଚାରିବାରୁ ଶରତଙ୍କ କାଗଜପତ୍ର ଯାଞ୍ଚ କରିବା ପରେ ବିହିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ଭଙ୍ଗାଘର ସମ୍ମୁଖରେ ଶରତ ।

## ହାଥରସ ଗଣବଳାତ୍କାର ପ୍ରତିବାଦରେ ବିକ୍ଷୋଭ



କେସିଙ୍ଗା ବ୍ଲକ ଅଫିସ ସମ୍ମୁଖରେ ମଙ୍ଗଳବାର ଆମ୍ବେଡକର ବିଚାର ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**କେସିଙ୍ଗା, ୬।୧୦ (ଡି.ଏନ.ଏ)**

କଳାହାଣ୍ଡି ଜିଲା ଆମ୍ବେଡକର ବିଚାର ସଂଘ ପକ୍ଷରୁ କେସିଙ୍ଗା ବ୍ଲକ ଅଫିସ ସମ୍ମୁଖରେ ମଙ୍ଗଳବାର ଉତ୍ତର ପ୍ରଦେଶର ହାଥରସ ଓ ବଳରାମପୁର ଗଣବଳାତ୍କାରର ପ୍ରତିବାଦ କରାଯାଇଛି। ଏଥିରେ କେସିଙ୍ଗା ବ୍ଲକର ବିଭିନ୍ନ ଅନୁଷ୍ଠାନ ସାମିଲ ହୋଇଥିଲେ। ଗଣବିକ୍ଷୋଭ କରି ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପଠାଯାଇଥିଲା। ସ୍ମାରକପତ୍ରରେ ଦୋଷୀମାନଙ୍କୁ ଫାଶୀ ସହ ପୀଡିତା ପରିବାରକୁ ୫୦ ଲକ୍ଷ ଟଙ୍କା ପ୍ରଦାନ, ୧୦ ଏକର ଜମି, ପରିବାରର ଜଣଙ୍କୁ ସରକାରୀ ଚାକିରୀରେ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା । କେସିଙ୍ଗା ବ୍ଲକ ଅନୁସୂଚୀତ ଜାତି, ବିକାଶ ପରିଷଦ କେସିଙ୍ଗା ବ୍ରାସ ସଙ୍ଗଠନ, ମୁସଲମାନ ସଂଘ, ବାଲ୍ମିକୀ ସମାଜ, ରବିଦାସ ସମାଜ, ଆମ୍ବେଡ଼କର ପାର୍ଟି ଅଫ୍ ଇଣ୍ଡିଆ (ଏପିଆଇ), ଭାରତ ମୁକ୍ତି ମୋର୍ଚ୍ଚା ଏବଂ ବହୁଜନ ସମାଜ ପାର୍ଟିର ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପରେ ଆମ୍ବେଦକର ଛକରୁ କେସିଙ୍ଗା ଥାନା ପର୍ଯ୍ୟନ୍ତ ରାଲି ବାହାରିଥିଲା। ଏଥିରେ ନେହେରୁ ସୁନାନୀ, ସୁରେଶ ମହାନନ୍ଦ, ରାଜୁ ଦୀପ, ଛୋଟୁ ଖାନ, ନର ନିହାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ସମ୍ବଲପୁର,୬।୧୦(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଟାମ୍ପରଗଡ ତେଲିମାଲ ଗ୍ରାମ ନିକଟ ଏକ ବିଲରୁ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ମଙ୍ଗଳବାର ଉଦ୍ଧାର କରିଛି। ଯୁବକଙ୍କ ବୟସ ପ୍ରାୟ ୩୫ ହେବ ବୋଲି ଅନୁମାନ କରାଯାଉଛି । ସେ କଳା ରଙ୍ଗ ପ୍ୟାଣ୍ଟ ଓ ଧଳା ରଙ୍ଗର ଶାର୍ଟ ପିନ୍ଧିଛନ୍ତି। ତାଙ୍କ ମୁହଁରେ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି । ପାରିପାର୍ଶ୍ୱିକ ସ୍ଥିତିରୁ କେହି ତାଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ଅନୁମାନ କରାଯାଉଛି। ମୃତକଙ୍କ ପରିଚୟ ମିଳିନାହିଁ। ବ୍ୟବଚ୍ଛେଦ ପରେ ମୃତଦେହକୁ ଭୀମସାର ଫ୍ରିଜରରେ ରଖା ଯାଇଛି। ପୋଲିସ ସାଇଣ୍ଟିଫିକ ଟିମ ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିଛି। ସୂଚନାଯୋଗ୍ୟ, ଗ୍ରାମର ଜଣେ ବ୍ୟକ୍ତି ନିଜ ବିଲକୁ ଚାଷ ପାଇଁ ଯାଇଥିଲେ। ସେ ସମୟରେ ଏକ ମୃତଦେହ ପଡିଥିବା ଦେଖିବାକୁ ପାଇ ପୋଲିସକୁ ଖବର ଦେଇଥିଲେ।

## ଭାସ୍କର ସ୍ପଞ୍ଜରେ ଅଘଟଣ

**ଲହୁଣୀପଡା,୬।୧୦(ଡି.ଏନ.ଏ.)**–ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ଡୁମକଲା ଗ୍ରାମଠାରେ ଥିବା ଭାସ୍କର ସ୍ପଞ୍ଜ କାରଖାନାରେ ସୋମବାର ବିଳମ୍ବିତ ରାତିରେ ଫର୍ନେସରେ ନିଆଁ ଲାଗି ବ୍ଲାଷ୍ଟିଂ ହେବା ସହିତ ୨ଟି ଟ୍ରାନ୍ସଫର୍ମର ଜଳିଯାଇଛି। ତେବେ ଏସ୍‌ଏମ୍‌ଏସ୍‌ରେ କାର୍ଯ୍ୟ କରୁଥିବା କର୍ମଚାରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଖବର ପାଇ ଲହୁଣୀପଡା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

**BANK JOB**
Odisha ରେ ଥିବା Private ଓ Govt. Bank ରେ peon ଏବଂ Back Office (Contractual) ପଦର ନିଯୁକ୍ତି ପାଇଁ 10th / +2 / +3 pass Candidate ଆବଶ୍ୟକ ।
Salary : 8000/- To 14000/-
9178912298, 8895725158

Recruitment for the Post of LIC Agent as an Insurance Advisor.
Join India's No.1 - LIC of India
Sushree Sangeeta Nayak (DO LIC)
Contact: 9337286709, 7653067426

**VACANCY**
A Leading Food Manufacturing Company require male & female candidate for all over Odisha for expending his branches in every district.
Sales Manager : Qualification (Graduate), Marketing Manager : Qualification (Graduate), Sales Representative : 10th Above, Veterinary Doctor : BVS.
Salary upto 12,000/- to 50,000/-
All candidates are submitted his/her bio-data with 2 recent passport size photo & documents sent by under sign address on before20th October 2020 via speed post below mention address. Age Limit : (18 to 50) yrs.
VALEO DILIGENTIA PVT LTD.
Address - IT Colony, Rajgangpur, Near OCL,Sundarggarh, Odisha - 770017,
Call Us : 7205635009, 7008894327, Email : mail2valeodiligentia@gmail.com

### ଡ୍ୟାମପଡ଼ାକୁ ନାହିଁ ବିଦ୍ୟୁତ୍ ସଂଯୋଗ

## ଅନ୍ଧାରରେ ବିତୁଛି ଜୀବନ

ବରଗଡ଼ ଅଫିସ୍,୬।୧୦


ନିଜ ପିଲାଛୁଆଙ୍କ ସହିତ ଡ୍ୟାମପଡ଼ାବାସୀ ।

ବିକାଶର ସ୍ଲୋଗାନ ଦେଇ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। କିନ୍ତୁ ଏଭଳି ଅନେକ ଗ୍ରାମ ଆଜି ବି ବିକାଶଠାରୁ ବହୁ ଦୂରରେ ରହିଛି। ଏଭଳି ଏକ ଗ୍ରାମ ହେଲା ବରଗଡ଼ ଜିଲା ପାଇକମାଳ ବ୍ଲକ ଭେଙ୍ଗରାଜପୁର ପଞ୍ଚାୟତ ଖେଙ୍ଗନାଡିହି ଗ୍ରାମର ଡ୍ୟାମପଡ଼ା। ଏପର୍ଯ୍ୟନ୍ତ ଏହି ପଡ଼ାବାସୀ ଆଲୁଅ ଦେଖି ନ ପାରି ଅନ୍ଧାରରେ ଜୀବନ ବିତାଉଛନ୍ତି ।

ପ୍ରାୟ ୩୦ବର୍ଷ ତଳେ ଏହି ପଡ଼ା ଗଢ଼ି ଉଠିଥିଲା। ଏଠାରେ ୮ଟି ଆଦିବାସୀ ପରିବାର ରହିଆସୁଛନ୍ତି। ବିଦ୍ୟୁତ୍ ନ ଥିବାରୁ ଡିବିରି ଆଲୁଅରେ ପିଲାମାନେ ପଢ଼ିବାକୁ ବାଧ୍ୟ ହେଉଛନ୍ତି। ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ସରପଞ୍ଚଙ୍କଠାରୁ ଆରମ୍ଭ କରି ବିଡ଼ିଓ ତଥା ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରି ଥକି ଗଲେଣି ଗାଁ ଲୋକେ। ହେଲେ କେହି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରି ନ ଥିବା ପଡ଼ାବାସୀ ଅଭିଯୋଗ କରିଛନ୍ତି। ଗ୍ରାମର ବଳଦେବ ବରିହା କୁହନ୍ତି, ଆଖପାଖ ଗ୍ରାମରେ ବିଦ୍ୟୁତ ସଂଯୋଗ ହୋଇଛି। ମାତ୍ର ତାଙ୍କ ପଡ଼ାକୁ ଏପର୍ଯ୍ୟନ୍ତ ବିଦ୍ୟୁତ ପହଞ୍ଚି ପାରିନାହିଁ। ଫଳରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ସରକାର ବିଦ୍ୟୁତ ସଂଯୋଗ ପାଇଁ ଅନେକ ଯୋଜନା କରିଛନ୍ତି। କିନ୍ତୁ କୌଣସି ଯୋଜନାରେ ତାଙ୍କ ପଡ଼ାକୁ ବିଦ୍ୟୁତ ସଂଯୋଗ ହୋଇ ନ ପାରିବା ବିଡ଼ମ୍ବନାର ବିଷୟ ବୋଲି କହିଛନ୍ତି ପଡାର ଅନ୍ୟ ଜଣେ ବାସୀନ୍ଦା ଗୋବିନ୍ଦ ବରିହା । ପଡ଼ାର ଶାବନ କଅଁର, ନବୀନ ଭୋଇ, ବାଳମୁକୁନ୍ଦ ଭୋଇ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷେ ତୁରନ୍ତ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ପାଇକମାଳ ବ୍ଲକର ସାମାଜିକ କର୍ମୀ ଦୀପା ବାରିକ ଟୁଇଟ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି । ଏ ସମ୍ପର୍କରେ ମତାମତ ପାଇଁ ସ୍ଥାନୀୟ ସରପଞ୍ଚ ଭୀଷ୍ମଦେବ ସାହୁଙ୍କୁ ତାଙ୍କ ମୋବାଇଲ ନମ୍ବର ୭୬୦୮୯୧୮୪୮୫ରେ ଯୋଗାଯୋଗ କରାଯାଇଥିଲା। ହେଲେ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିଲା ।

**ବିଜ୍ଞାପନ**

No.D-72:-

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ଭାମିନୀ, ରାୟଗଡ଼ା**

ନାମ– ସତ୍ୟରଞ୍ଜନ ଛତ୍ରିଆ
କନଷ୍ଟେବଳ ନଂ.–୫୭୮
ପିତା– ଜଗଦୀଶ ଛତ୍ରିଆ
ଗ୍ରାମ– ମୁଖିଗୁଡ଼ା
ପୋ.– ମୁଖିଗୁଡ଼ା
ଥାନା– ଜୟପାଟଣା
ଜିଲ୍ଲା– କଳାହାଣ୍ଡି

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ଆପଣ ତା୧୭।୦୩।୨୦୨୦ରିଖ ଅପରାହ୍ନଠାରୁ ତା୨୩।୦୩।୨୦୨୦ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୬ ଦିନ ସାମୂହିକ ଛୁଟି ନେଇ ଯାଇଥିଲେ। ଆପଣ, ଆପଣଙ୍କ କାର୍ଯ୍ୟରେ ତା୨୪।୦୩।୨୦୨୦ରିଖ ପୂର୍ବାହ୍ନରେ ଯୋଗଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କର ଏତାଦୃଶ ଅନୁପସ୍ଥିତି ଯୋଗୁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ ଆପଣ ସରକାରୀ ନିୟମକୁ ଅବମାନନା କରିଛନ୍ତି ।

ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ବିଜ୍ଞାପନ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୁଦ୍ଧରେ ଦୃଢ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ଦୁର୍ଗପତି
୨ୟ ଭାରତ ସଂରକ୍ଷିତ ବାହିନୀ
ଭାମିନୀ, ରାୟଗଡ଼ା
OIPR–12029/11/0015/2021

## ହାଥ୍ରସ ଗଣବଳାତ୍କାରୀଙ୍କୁ ମୃତ୍ୟୁଦଣ୍ଡ ଦାବି

### ବୀରାଙ୍ଗନା ରାଣୀ ଦୁର୍ଗାବତୀ ଜୟନ୍ତୀ

ବଲାଙ୍ଗୀର ଅଫିସ, ୬।୧୦

ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ବଲାଙ୍ଗୀର ଆନୁକୂଲ୍ୟରେ ସ୍ଥାନୀୟ ଗୋଁଣ୍ଡୱାନା ଭବନଠାରେ ରାଣୀ ଦୁର୍ଗାବତୀଙ୍କ ଜୟନ୍ତୀ ପାଳନ କରାଯାଇଛି । ଏହି ସଭାରେ ଉତ୍ତରପ୍ରଦେଶର ହାଥରସର ଜଣେ ୧୯ ବର୍ଷୀୟା ଯୁବତୀଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାର ଅଭିଯୁକ୍ତମାନଙ୍କୁ ତୁରନ୍ତ ମୃତ୍ୟୁଦଣ୍ଡ ଦେବା ପାଇଁ ଦାବି କରାଯାଇଛି। ସଭାରେ ଗୋଁଣ୍ଡୱାନା ରାଜ୍ୟର ମହାରାଜା ସଂଗ୍ରାମ ଶାହା ମଣ୍ଡାବୀଙ୍କ କୁଳବଧୂ ତଥା ରାଜ୍ୟର ଶାସିକା ରାଣୀ ଦୁର୍ଗାବତୀ ଶାହା ମଣ୍ଡାବୀଙ୍କ ଶୌର୍ଯ୍ୟର ଗାଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୫ ଅକ୍ଟୋବର ୧୫୨୪ ମସିହାରେ ଜନ୍ମଗ୍ରହଣ କରିଥିବା ଦୁର୍ଗାବତୀ ୨୪ ଜୁନ୍ ୧୫୬୪ରେ ଆତ୍ମ ବଳିଦାନ ଦେଇଥିଲେ। ସେ ଖଣ୍ଡା ଚାଳନା, ଧର୍ନୁବିଦ୍ୟା, ଢାଲ, ବର୍ଚ୍ଛା ଚାଳନା ସହିତ ଘୋଡା ଓ ହାତୀ ସବାରୀ ଶିକ୍ଷା ନିପୁଣତାର ସହିତ ହାସଲ କରିଥିଲେ। ଦିଲ୍ଲୀର ସୁର୍, ମାଳୱାର ବାଜ୍ ବାହାଦୁର୍, ବେଙ୍ଗଲର ଆଫଗାନ୍ ଓ ଆକ୍‌ବରଙ୍କ ସହ ଦୁର୍ଗାବତୀଙ୍କ ଲଢ଼େଇ ଓ ବିଜୟ ସମ୍ପର୍କରେ ଆଲୋଚନା କରାଯାଇଥିଲା । ସରକାର ୧୯୮୩ରେ ଜବଲପୁର ବିଶ୍ୱବିଦ୍ୟାଳୟକୁ ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟରେ ନାମିତ କରିଛନ୍ତି। ୧୯୭୬ରେ ସ୍ଥାପିତ ରାଣୀ ଦୁର୍ଗାବତୀ ସଂଗ୍ରାହଳୟ ଜବଲପୁର ସହର ମଧରେ ଭୁଧର୍‌ତାଲ୍ ବଗିଚାରେ ଅବସ୍ଥିତ। ରାଣୀ ଦୁର୍ଗାବତୀଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଡାକ ଟିକଟ ଭାରତ ସରକାରଙ୍କ ଦ୍ୱାରା ୧୯୮୮ରୁ ପ୍ରଚଳିତ ହେଉଛି ବୋଲି ସଭାରେ ବକ୍ତାମାନେ ସୂଚନା ଦେଇଥିଲେ । ସଭାରେ ପ୍ରଦୀପ କୁମାର ମଲ୍ଲିକ, ଗଣେଶ ମାଝୀ, ଦଇତ ଭୋଇ, ଧବଳେଶ୍ୱର ଦଳପତି, ନୃପ ଭୋଇ, ଜଗନ୍ନାଥ ଧରୁଆ, ମୀନକେତନ ମାଝି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ସଭାରେ ପୌରାଞ୍ଚଳର ସୁସଂଗଠକ ସମାଜସେବୀ ଇଂ ନାରାୟଣ ନାଏକଙ୍କ ବିୟୋଗରେ ଶୋକବ୍ୟକ୍ତ ମଧ କରାଯାଇଥିଲା।

**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ନିମ୍ନରେ ଦିଆଯାଇଥିବା ଶିଶୁଟି ବର୍ତ୍ତମାନ ଶିଶୁ ଯତ୍ନକାରୀ ଅନୁଷ୍ଠାନ, ଦିସା, ସା: ସୁନ୍ଦରଗଡ଼ରେ ସୁରକ୍ଷିତ ଭାବରେ ରହୁଛି । ଏହି ଶିଶୁଟିର ଯଦି କେହି ପିତା, ମାତା ତଥା ଅଭିଭାବକ କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ନିମ୍ନରେ ଦିଆଯାଇଥିବା ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ । ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ର ଧାରା –୩୮ (ଉପଧାରା–୧) ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ କରାଯିବ।

ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସୁନ୍ଦରଗଡ଼
ମୋ. ନଂ. ୯୯୩୮୧୭୦୪୫୦ / ଅଫିସ୍: ୦୬୬୨୨–୨୭୩୩୪୩
ଅଧ୍ୟକ୍ଷ, ଶିଶୁ ମଙ୍ଗଳ କମିଟି, ସୁନ୍ଦରଗଡ଼
ମୋ. ନଂ. ୯୪୩୭୦୮୫୪୩୪ / ଅଫିସ୍: ୦୬୬୨୨–୨୭୨୨୬୩

| କ୍ର.ନଂ. | ଶିଶୁର ନାମ | ଜନ୍ମ ତାରିଖ | ଲିଙ୍ଗ | ଉଦ୍ଧାର କରାଯାଇଥିବା ସ୍ଥାନ ଓ ତାରିଖ | ଶିଶୁର ଫଟୋ |
|---|---|---|---|---|---|
| ୧ | କଳ୍ପିତା (ସା ଦ୍ୱାରା ଦିଆଯାଇଥିବା ନାମ) | ୦୧।୦୯।୨୦୨୦ | ଝିଅ | ଲାଇଙ୍ଗ, ରାଜଗାଙ୍ଗପୁର, ସୁନ୍ଦରଗଡ଼ ତା: ୦୬।୦୯।୨୦୨୦ |  |

Sd./- District Child Protection Officer, Sundargarh

## ଇଭିଏମ୍ ଗୋଦାମରେ ଯାଞ୍ଚ

ସୁନ୍ଦରଗଡ, (ଡି.ଏନ.ଏ)-ଭାରତର ନିର୍ବାଚନ ଆୟୋଗଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲାପାଳ ନିଖିଳ ପବନ କଲ୍ୟାଣ ମଙ୍ଗଳବାର ଶଙ୍କରାସ୍ଥିତ ଜିଲା ଇଭିଏମ୍ ଷ୍ଟ୍ରଙ୍ଗରୁମ୍ ପରିଦର୍ଶନ କରିଛନ୍ତି। ସିସିଟିଭି, ଅଗ୍ନି ନିର୍ବାପକ ଯନ୍ତ୍ର, ବିଜୁଳି ସଂଯୋଗ ଠିକ୍ ଅଛି କି ନାହିଁ ଇତ୍ୟାଦି ପରିଦର୍ଶନ ସମୟରେ ସମୀକ୍ଷା କରିଛନ୍ତି। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ଡେପୁଟି କଲେକ୍ଟର ଲିନା କୁମାରୀ ଖେସ, ବିଜେଡିର ଜୟନାରାୟଣ ତ୍ରିପାଠୀ, ଭାଜପାର ଭେଷଜ ରଥ, କଂଗ୍ରେସର ପର୍ଶୁରାମ ସରାଫ, ସରକାରୀ ଅଧିକାରୀ ଲିଲାଧର କାଲୋ, ସୁଦାମ ଚନ୍ଦ୍ର ପଟେଲ ଏବଂ କନିଷ୍ଠ ସହାୟକ ଚନ୍ଦ୍ରମଣି ମିଶ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ହାଥ୍ରସ ଘଟଣାରେ ମହମବତି ଶୋଭାଯାତ୍ରା

ପଡିଆବାହାଲ, ୬।୧୦ (ଡି.ଏନ.ଏ): ହାଥରସ ମାମଲାର ପ୍ରତିବାଦରେ ମଙ୍ଗଳବାର ଡ. ବି.ଆର ଆମ୍ବେଡ଼କର ସେବା ସମିତି ପଡିଆବାହାଲ ତରଫରୁ ପଡିଆବାହାଲ ଡାକ୍ତରଖାନା ଛକରୁ ବଜାର ଦେଇ ପେଟ୍ରୋଲ ପମ୍ପ ଛକ ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରତିବାଦକାରୀମାନେ ମନୀଷା ବାଲ୍ମିକୀଙ୍କୁ ନ୍ୟାୟ ମିଳୁ, ଅପରାଧୀଙ୍କୁ ଫାଶି ଦିଆଯାଉ ବୋଲି ନାରା ଦେଇଥିଲେ। ଶୋଭାଯାତ୍ରା ବେଳେ ସଦର ପୋଲିସ ଉପସ୍ଥିତ ଥିଲେ ।

### ରଣାପଡ଼ା ଦୁର୍ଗାପୂଜା ପାଇଁ କର୍ମକର୍ତ୍ତା ଚୟନ

ଦେଓଗାଁ, ୬।୧୦(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ କଛାରପାଲି ରଣାପଡା ଜୟଦୁର୍ଗା କ୍ଲବ ଆନୁକୂଲ୍ୟରେ ଚଳିତ ବର୍ଷ ହେବାକୁ ଥିବା ୫୪ତମ ଦୁର୍ଗାପୂଜା ପାଇଁ ସୋମବାର ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଚଳିତ ବର୍ଷ କୋଭିଡ ନିୟମାନୁସାରେ ପୂଜା ପାଳନ ପାଇଁ ମତପ୍ରକାଶ ପାଇଥିଲା। ଏଥିସହ ସର୍ବ ସମ୍ମତିକ୍ରମେ ନୂତନ ପୂଜା ପରିଚାଳନା ପାଇଁ କମିଟି ଗଠନ ହୋଇଥିଲା। ସଭାପତି ଭାବେ ପ୍ରଦ୍ୟୁମ୍ନ କିଶୋର ସାହୁ, ସମ୍ପାଦକ ଅଜୟ କୁମାର ରଣା, କୋଷାଧକ୍ଷ ମଳୟ ରଞ୍ଜନ ରଣା, ଉପଦେଷ୍ଟା ଭାବେ ପ୍ରମୋଦ ସାହୁ, ଓକିଲ ରଣା, ପ୍ରମୋଦ ରଣା, ଦୈତାରୀ ସାହୁ, ସୁରେନ୍ଦ୍ର ସାହୁ, ମିତ୍ର ରଣା ଲକ୍ଷ୍ମଣ ରଣା ପ୍ରମୁଖ ମନୋନୀତ ହୋଇଛନ୍ତି ।

### ବନ୍ୟପ୍ରାଣୀ ସପ୍ତାହ ପାଳିତ

ରିଆମାଳ, ୬।୧୦(ଡି.ଏନ.ଏ.): ଦେବଗଡ ଜିଲା ରିଆମାଳ ରେଞ୍ଜର ଭବାନୀ ଶଙ୍କର ଦାସଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଯାଇଛି। ଏହି ଅବସରରେ ସମସ୍ତ କର୍ମଚାରୀ ବନ ବିଭାଗ କାର୍ଯ୍ୟାଳୟ ପରିସରରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ଯାଇଥିଲେ। ଶୋଭାଯାତ୍ରାବେଳେ ବନ୍ୟପ୍ରାଣୀଙ୍କ ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ଏଥିରେ ରିଆମାଳ ଫରେଷ୍ଟର ତୁଷାର ରଞ୍ଜନ ପ୍ରଧାନ, କୁଣ୍ଢେଇଗୋଲା ଫରେଷ୍ଟର ପ୍ରିତମ କୁମାର ସାହୁ, ରେଙ୍ଗାଳବେଡା ଫରେଷ୍ଟର ରମେଶ ଚନ୍ଦ୍ର ତ୍ରିପାଠୀ, ପଳସମା ଫରେଷ୍ଟର ପ୍ରଶାନ୍ତ ଶତପଥୀ, ନୁଆଡିହି ଫରେଷ୍ଟର ଗିରିଧାରୀ ପ୍ରଧାନ ତଥା ରିଆମାଳ ବନାଞ୍ଚଳର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

### ସାମାଜିକ କର୍ମୀଙ୍କ ପରଲୋକ

ବିନିକା,୬।୧୦(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ପାପୀ ଗାଁର ସାମାଜିକ କର୍ମୀ ବନମାଳୀ ମହାକୁର(୭୪)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ସେ ବୁର୍ଲା ବଡ ମେଡିକାଲରେ ଚିକିତ୍ସାଧୀନ ଥିଲେ । ମଙ୍ଗଳବାର ପାପୀ ଗ୍ରାମରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା । ବଡପୁଅ ଶିବ ନାରାୟଣ ମହାକୁର ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ବିନିକା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ମଦ ବିରୋଧରେ ତାତିଲେ ମହିଳା

ନୂଆପଡା ଅଫିସ, ୬।୧୦

### ପାଉଚ ନଷ୍ଟ କଲେ, ମଦକୋଠି ଜାଳିଦେଲେ


ମହିଳାମାନେ ମଦଭାଟି ଅଭିମୁଖେ ଯାଉଛନ୍ତି।

ନୂଆପଡା ଜିଲା ଖଡିଆଳ ବ୍ଲକ ଅଞ୍ଚଳରେ ଦେଶୀ, ବିଦେଶୀ ମଦର କାରବାର ବଢି ଚାଲିଛି। ଏହା ବିରୋଧରେ ରୋକ ଲଗାଇବାକୁ ମହିଳାମାନେ ରାସ୍ତାକୁ ଓହ୍ଲାଇଛନ୍ତି। ବ୍ଲକ ଅନ୍ତର୍ଗତ ଭୋଜପୁର ଗାଁର ମହିଳାମାନେ ମଙ୍ଗଳବାର ମଦଭାଟିକୁ ଘେରାଉ କରିଥିଲେ। ପରେ ଏକ ଦେଶୀ ମଦକୋଠିକୁ ସେମାନେ ନିଆଁ ଲଗାଇ ଜାଳି ଦେଇଥିଲେ। ମହିଳାମାନେ ଅଭିଯୋଗ କରିଛନ୍ତି ଯେ, ଖଡିଆଳ ଥାନା ଅନ୍ତର୍ଗତ ଭୋଜପୁର–ସିକୁଆଁ ରାସ୍ତାରେ ଏକ ଦେଶୀ ମଦଭାଟି ରହିଛି। କେତେକ ଅସାଧୁ ବେପାରୀ ଏହି ଭାଟିରୁ ମଦ ଆଣି ଭୋଜପୁର ଗାଁରେ ବିକ୍ରି କରୁଛନ୍ତି। ଏହାଦ୍ୱାରା ବହୁ ଗରିବ ଲୋକେ ସର୍ବସ୍ୱାନ୍ତ ହେବାରେ ଲାଗିଛନ୍ତି। ମଦ ଯୋଗୁଁ ଗାଁରେ ଅଶାନ୍ତିକର ପରିସ୍ଥିତି ସୃଷ୍ଟି ହେଉଛି। ଝିଅ, ବୋହୂମାନେ ନିଶାସକ୍ତଙ୍କ ଦୌରାତ୍ମ୍ୟରେ ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଏହା ଉପରେ ଗ୍ରାମବାସୀ ସ୍ଥାନୀୟ ଅବକାରୀ ଏବଂ ପୋଲିସକୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଥିରେ ପ୍ରୋତ୍ସାହିତ ହୋଇ ମଦ ବେପାରୀମାନେ ସେମାନଙ୍କ କାରବାରକୁ ବଢାଇ ଚାଲିଛନ୍ତି। ଶେଷରେ ମହିଳାମାନେ ମଦ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ନିଷ୍ପତ୍ତି ନେଇଥିଲେ।

ମଙ୍ଗଳବାର ସକାଳେ ସ୍ୱୟଂ ସହାୟକ ଦଳର ସଦସ୍ୟାମାନେ ଏକ ଶୋଭାଯାତ୍ରାରେ ଆସି ମଦଭାଟି ଘେରାଉ କରିଥିଲେ। ଗାଁର କୋଠିବାଲାଙ୍କୁ ମଦ ଯୋଗାଣ ବନ୍ଦ କରିବାକୁ ଭାଟି କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ଏହି ସମୟରେ ବାଟରେ ଥିବା ଏକ ଦେଶୀ ମଦକୋଠୀ ଉପରେ ଚଢାଉ କରି ସେମାନେ ମଦପାଉଚ ନଷ୍ଟ କରିବା ସହ ଭାଟିକୁ ପୋଡିଦେଇଥିଲେ। ଏ ନେଇ ଖଡିଆଳ ଥାନା ପୋଲିସକୁ ପଚାରିବାରେ ଖୋଲା ମଦ ବିକ୍ରି ଉପରେ ସବୁବେଳେ ଧ୍ୟାନ ଦିଆଯାଉଛି। ଭୋଜପୁର ଉପରେ ସେଭଳି କୌଣସି ଅଭିଯୋଗ ଆସିନାହିଁ ନଜରକୁ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି।

## ପ୍ରବେଶିକା ପରୀକ୍ଷାରେ ବିକାଶର ୧୨ ଛାତ୍ରୀଛାତ୍ର ସଫଳ


ଅଭୟ କୁମାର ଅଗ୍ରୱାଲ


ଦିବ୍ୟରଞ୍ଜନ ଓରାମ


ପ୍ରିୟାଂଶୁ ମୁଣ୍ଡା

ବରଗଡ଼ ଅଫିସ୍,୬।୧୦

ଚଳିତ ଶିକ୍ଷାବର୍ଷର ସଦ୍ୟ ପ୍ରକାଶିତ ସର୍ବଭାରତୀୟ ଆଇଆଇଟି ଜେଇଇ (ଆଡଭାନ୍ସଡ୍) ପ୍ରବେଶିକା ପରୀକ୍ଷାରେ ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର ୯ଜଣ, ସମ୍ବଲପୁର ବିକାଶ ଦି କନସେପ୍ଟ ସ୍କୁଲର ୨ଜଣ ଏବଂ ଭୁବନେଶ୍ୱର ବିକାଶ ଆବାସିକ ସ୍କୁଲର ଜଣେ ଛାତ୍ର ତାଙ୍କ ପ୍ରଥମ ପ୍ରୟାସରେ ସଫଳ ହୋଇଛନ୍ତି ବୋଲି ଅନୁଷ୍ଠାନର ଏକଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ସୂଚନା ଦେଇଛନ୍ତି। ବିକାଶ ବରଗଡ଼ ଶାଖାର ଅଭୟ କୁମାର ଅଗ୍ରୱାଲ, ସ୍ୱସ୍ତିକ ମିଶ୍ର, ଶୈଳେଶ ଅଗ୍ରୱାଲ, ଅନୁପ ସାହୁ, ଅଙ୍କିତ କୁମାର ସାହୁ, ଶୁଭମ ମେହେର, ଆକାଶ ସାହୁ, ବିକ୍ରାନ୍ତ କୁମାର ବେହେରା ଭୁଲେଶ୍ୱର ଏକ୍କା ଏହି କୃତିତ୍ୱ ଅର୍ଜନ କରିଛନ୍ତି । ଅନୁରୂପ ଭାବେ ସମ୍ବଲପୁର ଶାଖାର ଦିବ୍ୟରଞ୍ଜନ ଓରାମ, ଅନନ୍ଦା ମଞ୍ଜରୀ ପ୍ରଧାନ ଏବଂ ଭୁବନେଶ୍ୱର ଶାଖାର ପ୍ରିୟାଂଶୁ ମୁଣ୍ଡା ସଫଳତା ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି.ମୁରଲି କ୍ରୀଷ୍ଣା, ଡାଇରେକ୍ଟର (ଏକାଡ଼େମିକ୍ସ) ଜି. ରାମକ୍ରୀଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଭି. ଶ୍ରୀନିବାସ, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ବିବେକ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ମୁରାରୀ ପ୍ରସାଦ ସାହୁ, ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଜେଇଇ ଆଡଭାନ୍ସ ପରୀକ୍ଷାରେ କଣ୍ଟାବାଞ୍ଜିର ଦୁଇଭାଇଙ୍କ ରେକର୍ଡ

ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି, ୬।୧୦(ଡି.ଏନ୍.ଏ.)


ଜେଇଇ ଆଡଭାନ୍ସ ପରୀକ୍ଷାରେ ସଫଳତା ଲାଭ କରିଥିବା ଦୁଇଭାଇ ରୌନକ ଓ ମନ୍ଥନ।

ଜେଇଇ ଆଡଭାନ୍ସ ପରୀକ୍ଷାରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରର ଦୁଇ ଭାଇ ସଫଳତା ହାସଲ କରି ରେକର୍ଡ କରିଛନ୍ତି। ସର୍ବଭାରତୀୟସ୍ତରରେ ରୌନକ ଡାଲମିଆ ୫୨ତମ ର୍ୟାଙ୍କ ହାସଲ କରିବା ସହ ଓଡିଶାରେ ଟପ୍ପର ହୋଇଛନ୍ତି। ସାନଭାଇ ମନ୍ଥନ ଡାଲମିଆ ସର୍ବଭାରତୀୟସ୍ତରରେ ୧୦୦ତମ ର୍ୟାଙ୍କ ରଖିଥିବାବେଳେ ଓଡିଶାରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କଣ୍ଟାବାଞ୍ଜିର ଅରୁଣ ଡାଲମିଆ ଓ ମମତା ଡାଲମିଆଙ୍କ ପୁଅ ରୌନକ ଆଗକୁ ବୈଜ୍ଞାନିକ ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ରୌନକଙ୍କ କାକାପୁଅ ଭାଇ ମନ୍ଥନ ଆଗକୁ କମ୍ପ୍ୟୁଟର ଇଞ୍ଜିନିୟର ହେବେ ବୋଲି ଲକ୍ଷ୍ୟ ରଖିଛନ୍ତି। ମନ୍ଥନଙ୍କ ପିତାମାତା ହେଲେ ରାଜେଶ ରାଜୁ ଡାଲିମିଆ ଓ ସୁମନ ଡାଲମିଆ । କଣ୍ଟାବାଞ୍ଜି ସହରରୁ ପୂର୍ବରୁ ସର୍ବଭାରତୀୟ ପ୍ରଶାସନିକ ପରୀକ୍ଷାରେ ମଧ୍ୟ ଅନେକେ ସଫଳତା ଲାଭ କରିଛନ୍ତି । ଏବେ ଜେଇଇ ଆଡଭାନ୍ସ ପରୀକ୍ଷାରେ ଦୁଇଭାଇ ରେକର୍ଡ କରିଥିବାରୁ ସର୍ବତ୍ର ଖୁସି ପ୍ରକାଶ ପାଇଛି।

## ଧାରଣାରୁ ଉଠିବାକୁ ପ୍ରଶାସନର ଚେତାବନୀ

ରେଢାଖୋଲ,୬।୧୦(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢାଖୋଲ ମହିଳା ଉଚ୍ଚ ବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ୯ ଦଫା ଦାବି ନେଇ ସୋମବାରଠାରୁ ଉଚ୍ଚ ବିଦ୍ୟାଳୟ ପରିସରରେ ଧାରଣାରେ ବସିଛନ୍ତି। ସେମାନଙ୍କ ସହ କୌଣସି ପ୍ରଶାସନିକ ଅଧିକାରୀ ଆଲୋଚନା କରି ନାହାନ୍ତି। ତେବେ ଧାରଣାରୁ ନ ଉଠିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ଚେତାବନୀ ଦେଇଛି। ଉପଜିଲ୍ଲାପାଳ ପଦ୍ମନାଭ ବେହେରା କହିଛନ୍ତି ଯେ, ଉଚ୍ଚଶିକ୍ଷା ବିଭାଗର ଗାଇଡ୍ ଲାଇନ୍ ଅନୁସାରେ ଦାବିଗୁଡ଼ିକ ଉପରେ ପଦକ୍ଷେପ ନିଆଯିବ। ତେବେ ସରକାରୀ କର୍ମଚାରୀଙ୍କ ପାଇଁ ଥିବା ନିୟମାବଳିକୁ ଉଲ୍ଲଂଘନ କରି ଗଣମାଧ୍ୟମକୁ ମତାମତ ଦେବା ଦଣ୍ଡନୀୟ। ତେଣୁ ବୁଧବାର ଧାରଣା ପ୍ରତ୍ୟାହାର ନ ହେଲେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଅଧ୍ୟକ୍ଷା, ଧାରଣାରତ ଅଧ୍ୟାପକ, କର୍ମଚାରୀ ଓ ଉଚ୍ଚଶିକ୍ଷା ବିଭାଗକୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।

## ବଡବାହାଲ ପଞ୍ଚାୟତ କାର୍ଯ୍ୟାଳୟର ତାଲା ଖୋଲିଲା

ରେଢାଖୋଲ,୬।୧୦(ଡି.ଏନ.ଏ.)

ରେଢାଖୋଲ ବ୍ଲକ ବଡବାହାଲ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ନର୍ମଦା ସାହୁଙ୍କ ବଦଳି ଦାବିରେ ପଞ୍ଚାୟତର ନିର୍ବାଚିତ ଜନ ପ୍ରତିନିଧିମାନେ ଗତ ୩୦ ତାରିଖ ପଞ୍ଚାୟତ ଅଫିସରେ ପକାଇଦେଇଥିବା ତାଲା ମଙ୍ଗଳବାର ଖୋଲିଛନ୍ତି। ସୋମବାର ପଞ୍ଚାୟତ ପ୍ରତିନିଧିମାନେ ସମ୍ବଲପୁର ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜଙ୍କୁ ସାକ୍ଷାତକରି ଆଲୋଚନା କରିବା ସହିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ୧୫ ଦିନ ମଧ୍ୟରେ କାର୍ଯ୍ୟନିର୍ବାହୀଙ୍କ ବଦଳି କରାଯିବା ନେଇ ଅତିରିକ୍ତ ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ପଞ୍ଚାୟତ କାର୍ଯ୍ୟାଳୟର ତାଲା ମଙ୍ଗଳବାର ଖୋଲାଯାଇଥିବା ସରପଞ୍ଚ ସନ୍ତୋଷ ମିର୍ଦ୍ଧା ପ୍ରକାଶ କରିଛନ୍ତି।

## ଚିକିତ୍ସା ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ବରଗଡ଼ ଅଫିସ୍,୬।୧୦

### ଧରିତ୍ରୀ ଖବର ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍


Dibas Kumar Sahu
@DibasKumarSahu
@CMO_Odisha @HFWOdisha @DMBargarh @gapg_dept @TukuniSahu @DharitriLive1 ଖବରକାଗଜରେ ପ୍ରକାଶିତ ରାଇଶୋଭା ଗ୍ରାମର #ମଙ୍ଗଲୁ ଭରାସାଗରଙ୍କ ଶିଶୁପୁତ୍ରର ଅଣ୍ଟାରେ ମାଂସ ପିଣ୍ଡୁଳା ବଢୁଛି.ଯଥାଶୀଘ୍ର ମାଗଣା ଉନ୍ନତ ଚିକିତ୍ସା ସହ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ @SecyChief ଙ୍କୁ ଅନୁରୋଧ.
ଅସହ୍ୟ ହେଉଛି ଯନ୍ତ୍ରଣା

ମୁଖ୍ୟମନ୍ତ୍ରୀଙ୍କୁ ହୋଇଥିବା ଟୁଇଟ୍‌ର ନକଲ ।

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ରାଇଶୋଭା ଗ୍ରାମର ମଙ୍ଗଳୁଙ୍କ ସାଢ଼େ ୪ମାସର ଶିଶୁପୁତ୍ର ସରୋଜଙ୍କ ଅଣ୍ଟାରେ ଏକ ମାଂସ ପିଣ୍ଡୁଳା ବଢ଼ି ଚାଲିଛି । ଜନ୍ମରୁ ଶିଶୁର ଅଣ୍ଟା ପଛପଟେ ରହିଥିବା ମାଂସ ପିଣ୍ଡୁଳା ଯେତିକି ବଢ଼ୁଛି, ଶିଶୁପୁତ୍ରର ଯନ୍ତ୍ରଣା ମଧ୍ୟ ସେଭଳି ବଢ଼ି ଚାଲିଛି । ଏ ନେଇ ମଙ୍ଗଳବାର ଧରିତ୍ରୀରେ ଅସହ୍ୟ ହେଉଛି ଯନ୍ତ୍ରଣା ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଯୋଖିପାଲି ଗ୍ରାମର ସାମାଜିକ କର୍ମୀ ଦିବସ କୁମାର ସାହୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବରଗଡ଼ ଜିଲାପାଳଙ୍କୁ ଟୁଇଟ୍ କରି ଶିଶୁପୁତ୍ରର ଚିକିତ୍ସା ସହାୟତା ପାଇଁ ନିବେଦନ କରିଥିଲେ। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଟୁଇଟ୍ କରି ଅନୁରୋଧ କରିବା ପରେ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଶିଶୁପୁତ୍ରର ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ୭୨ଘଣ୍ଟା ମଧ୍ୟରେ ସେ ନେଇ ଏକ ରିପୋର୍ଟ ପ୍ରଦାନ କରିବା ପାଇଁ ସିଡିଏମଓଙ୍କୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ରହିଛି।

## ୱେବିନାର ପାଠ୍ୟଦାନକୁ ଗୁରୁତ୍ୱ



କର୍ମଶାଳାରେ ମଞ୍ଚାସୀନ ଶିକ୍ଷା ବିଭାଗର ଅଧିକାରୀବୃନ୍ଦ ।

ବରଗଡ଼ ଅଫିସ୍,୬।୧୦

କରୋନା ମହାମାରୀ ସମୟରେ ଶିକ୍ଷା ସଂଯୋଗ କାର୍ଯ୍ୟକ୍ରମରେ ୱେବିନାର ଶ୍ରେଣୀଗୃହ ପାଠ୍ୟଦାନ ସମ୍ପର୍କୀତ ଶିକ୍ଷାଜିଲା ସ୍ତରୀୟ ସାଧନକର୍ମୀଙ୍କ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବରଗଡ଼ ବିଜ୍ଞାନ କେନ୍ଦ୍ରରେ ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏକ କର୍ମଶାଳାକୁ ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଉଦଘାଟନ କରିଥିଲେ' ମୋ ସ୍କୁଲ ଅଭିଯାନର ସଂଯୋଜକ ଭାର୍ଗବ ନାଏକ ୱେବିନାର ଶ୍ରେଣୀଗୃହ ପାଠ୍ୟଦାନ ପରିଚାଳନା ଉପରେ ସୂଚନା ଦେଇଥିଲେ । ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଅମୃତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ୱେବିନାର କାର୍ଯ୍ୟକ୍ରମରେ କିଭଳି ଅଧିକ ଛାତ୍ରୀଛାତ୍ର ସାମିଲ ହୋଇପାରିବେ, ସେ ସମ୍ପର୍କରେ ସୂଚନା ଦେଇଥିଲେ । କର୍ମଶାଳାରେ ବିଭିନ୍ନ ବିଷୟର ସାଧନ କର୍ମୀମାନେ ଉପସ୍ଥିତ ଥିଲେ । ଶିକ୍ଷକ ଗୋପୀନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋନପୁରରେ ସେକ୍ସ ର୍ୟାକେଟ୍ ଠାବ

ସୋନପୁର,୬।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସଦର ମହକୁମା ସୋନପୁରରେ ଚାଲିଥିବା ଏକ ସେକ୍ସ ର୍ୟାକେଟ୍‌କୁ ଠାବ କରିଛି ଟାଉନ ଥାନା ପୋଲିସ। ଏହି ଘଟଣାରେ ପୋଲିସ ପଶ୍ଚିମବଙ୍ଗର ୨ ଦେହଜୀବୀଙ୍କୁ ଅଟକ ରଖିଛି। ତେବେ ଘଟଣାରେ ସମ୍ପୃକ୍ତ ମଧ୍ୟସ୍ଥ ପଶ୍ଚିମବଙ୍ଗ ନଦିଆର ରାଜୁ ଦେବନାଥ(୩୪)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଗତ କିଛିଦିନ ହେବ ଦେବନାଥ ସହରର ଏକ ଅଞ୍ଚଳରେ ଭଡା ଘର ନେଇ ଦେହ ବ୍ୟବସାୟ ଚଳାଇଥିଲେ। ୨୦ରୁ ୨୨ ବର୍ଷ ବୟସର ବଙ୍ଗୀୟ ଯୁବତୀଙ୍କୁ ଆଣି ଏଠାରେ ବ୍ୟବସାୟରେ ନିୟୋଜିତ କରୁଥିଲେ। ପୋଲିସକୁ ଏ ସମ୍ପର୍କରେ ସୂଚନା ମିଳିବା ପରେ ମଙ୍ଗଳବାର ଉକ୍ତ ଭଡା ଘରେ ଚଢାଉ ହୋଇଥିଲା। ଏହି ସମୟରେ ସହରର ୨ ମଧ୍ୟସ୍ଥ ଫେରାର ହୋଇଯାଇଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେହଜୀବୀଙ୍କ ଡାକ୍ତରୀ ପରୀକ୍ଷା ହୋଇଛି। ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

## ବୃକ୍ଷରୋପଣରେ ଦୁର୍ନୀତି ଅଭିଯୋଗ, ତଦାରଖ କଲେ ପିଡି

ଦେଓଗାଁ, ୬।୧୦(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ର କାମ ବନ୍ଦ ପଡିଛି । ଏ ନେଇ ପ୍ରବାସୀ ଶ୍ରମିକମାନେ ଅଭିଯୋଗ କରିବା ପରେ ସ୍ଥାନୀୟ ସରପଞ୍ଚ ପ୍ରମୋଦିନୀ ନାଏକ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ସୋମବାର ପିଡି ସ୍ୱାଇଁ ସମ୍ପୃକ୍ତ ପଞ୍ଚାୟତ ଅଫିସକୁ ଆସି ଉକ୍ତ ଯୋଜନାର ସମୀକ୍ଷା କରିଥିଲେ। ଯୋଜନାର କ୍ରିୟାନ୍ୱୟନ ପାଇଁ ସେ ବିଡିଓ ନବୀନ କିଶୋର ପାଢ଼ୀ ଓ ସହକାରୀ ଯନ୍ତ୍ରୀ ମୋହନ ମହାଲିକଙ୍କ ସହ ଆଲୋଚନା କରିଥିଲେ । ପରେ ପିଡି ସ୍ୱାଇଁ ସମ୍ପୃକ୍ତ ପଞ୍ଚାୟତର କୁହିମୁଣ୍ଡା ଗାଁକୁ ଯିବାକୁ ଚାହିଁଥିଲେ। ହେଲେ ସେଠାକୁ ଯିବାପାଇଁ ରାସ୍ତା ନଥିବାରୁ ଯାଇପାରି ନ ଥିଲେ । ୫ବର୍ଷ ପୂର୍ବେ ସମ୍ପୃକ୍ତ ପଞ୍ଚାୟତ ଅନ୍ତର୍ଗତ ଫଟାମୁଣ୍ଡାରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅର୍ଥ ହେରଫେର ଅଭିଯୋଗରେ ତତ୍କାଳୀନ ଗ୍ରାମ ରୋଜଗାର ସେବକ ସଂଗ୍ରାମ ବିଶ୍ୱାଳଙ୍କୁ କାର୍ଯ୍ୟରୁ ନିଲମ୍ବିତ ପରେ ବହିଷ୍କୃତ କରାଯାଇଥିଲା। ସେଦିନଠାରୁ ନିକଟସ୍ଥ ପଞ୍ଚାୟତମାନଙ୍କର ଜିଆରଏସଙ୍କୁ ବ୍ଲକ ପ୍ରଶାସନ ଦାୟିତ୍ୱ ଦେଉଛି। ପଞ୍ଚାୟତବାସୀ ତଥା ସରପଞ୍ଚ ନାଏକଙ୍କ ଅଭିଯୋଗ ଅନୁସାରେ ଗତବର୍ଷ ଜରାସିଂହା ପଞ୍ଚାୟତର ଜିଆରଏସ ରାଜେଶ ମେହେରଙ୍କୁ ଦାୟିତ୍ୱ ଦେବା ପରଠାରୁ ସେ ଉକ୍ତ ପଞ୍ଚାୟତକୁ ଯାଉନାହାନ୍ତି। ଫଳରେ ବର୍ଷେରୁ ଊର୍ଦ୍ଧ୍ୱ ହେଲା ଏମଜିଏନ୍‌ଆରଇଜିଏସ୍ କାମ କୌଣସି ଶ୍ରମିକ ପାଇପାରୁ ନାହାନ୍ତି । ଅବଗତ କରାଯାଉଥିଲେ ମଧ୍ୟ ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ସରପଞ୍ଚ ପ୍ରକାଶ କରିଥିଲେ। ଏ ନେଇ ମଙ୍ଗନ ରାଏ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିବା ବେଳେ ଉକ୍ତ ପଞ୍ଚାୟତରେ ୧୩ଟି ରାସ୍ତାରେ ବୃକ୍ଷରୋପଣ ହୋଇଥିବା ଜଣା ପଡିଥିଲା । ହେଲେ ପ୍ରକୃତ ପକ୍ଷେ ଉକ୍ତ ରାସ୍ତାମାନଙ୍କରେ ବର୍ତ୍ତମାନ ଗୋଟିଏ ବି ଗଛ ଲାଗିନି। ପିଡି ସ୍ୱାଇଁ କହିଛନ୍ତି ଯେ, ତଦାରଖ ପାଇଁ ଯାଇଥିଲେ। କାମ କିପରି ତ୍ୱରାନ୍ୱିତ ହେବ ସେ ଦିଗରେ ଆଲୋଚନା କରିଛନ୍ତି। କୁହିମୁଣ୍ଡା ଗାଁକୁ ସବୁଦିନିଆ ରାସ୍ତା ନିର୍ମାଣ ଦିଗରେ ପଦକ୍ଷେପ ନେବେ।

### ଉପରଝର ପଞ୍ଚାୟତରେ ଏମଜିଏନଆରଇଜିଏସ୍


ଉପରଝର ଆଞ୍ଚଳିକ ବାଳିକା ମହାବିଦ୍ୟାଳୟ ରାସ୍ତାରେ ବୃକ୍ଷରୋପଣ ହୋଇଥିବା ଦର୍ଶାଯାଇଥିଲେ ହେଁ ଗୋଟିଏ ଗଛ ନାହିଁ।

## ପୁଣି ଯାଞ୍ଚ କଲା କ୍ରୀଡ଼ା ବିଭାଗ

ସମ୍ବଲପୁର,୬।୧୦(ବ୍ୟୁରୋ)


ନିର୍ମାଣାଧୀନ ହକି ଷ୍ଟାଡିୟମରେ ଯାଞ୍ଚ କମିଟି ଆଲୋଚନା କରୁଛନ୍ତି ।

- ହକି ମିନିଷ୍ଟାଡିୟମରେ ନିମ୍ନମାନର କାମ ଘଟଣା
- ଖୁବ ବର୍ଷିଲେ, ନମୁନା ସଂଗ୍ରହ କରି ନେଲେ
- ଲିଖିତ ଭାବେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ
- ନୂଆ ହକି ଟର୍ଫ ବିଛାଇବାକୁ ଦାବି

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକରେ ନିର୍ମାଣାଧୀନ ହକି ମିନିଷ୍ଟାଡିୟମ କାମ ନିମ୍ନମାନର ଓ ଅନିୟମିତତା ସହ ବିଳମ୍ବ ହେଉଛି। ଏହାକୁ ନେଇ ଧରିତ୍ରୀରେ ସେପ୍ଟେମ୍ବର ୨୮ ତାରିଖ ଓ ଓଡିଶା ପୋଷ୍ଟରେ ୨୯ ତାରିଖ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ରାଜ୍ୟ କ୍ରୀଡା ସଚିବ ବିଶାଳ ଦେବ ଉଦ୍‌ବେଗ ପ୍ରକାଶ କରିଥିଲେ। ତଦନ୍ତ କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମେ ୩୦ ତାରିଖ ଏକ ବିଶେଷଜ୍ଞ ଦଳ ଆସି ତଦନ୍ତ କରିଥିଲେ। ମଙ୍ଗଳବାର ପୁଣି କ୍ରୀଡା ବିଭାଗ ପକ୍ଷରୁ ୨ଜଣିଆ ଟିମ୍ ଆସି ଯାଞ୍ଚ କରିଛନ୍ତି। କ୍ରୀଡା ବିଭାଗ ପକ୍ଷରୁ ଆର୍କିଟେକ ପ୍ରତୀକ ମହାନ୍ତି ଓ ଜଣେ ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ଆସି ପ୍ରକଳ୍ପ କାମ ଦେଖିଛନ୍ତି। ଛଡ, ବାଲି, କଂକ୍ରିଟର ମାନ ଦେଖିବା ପରେ ନମୁନା ସଂଗ୍ରହ କରି ନେଇଛନ୍ତି। ବିଭାଗ ପକ୍ଷରୁ ଲ୍ୟାବ୍‌ରେ ନମୁନାର ପରୀକ୍ଷା କରାଯିବ ବୋଲି କହିଛନ୍ତି। ତେବେ ସ୍ଥାନୀୟ ଲୋକମାନେ ନିମ୍ନମାନର କାମକୁ ନେଇ ସେମାନଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଯାଞ୍ଚ କମିଟି ଠିକା ଏଜେନ୍ସି ଓ ଠିକାଦାରଙ୍କ ଉପରେ ବର୍ଷିଛନ୍ତି। ବ୍ୟୟ ଅଟକଳ ଅନୁସାରେ କାମ କରିବାକୁ କଡା ତାଗିଦ କରିଛନ୍ତି। ଢଳେଇ ହେବା ପୂର୍ବରୁ ସ୍ଥାନୀୟ କମିଟି ଓ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ କାମ କରିବାକୁ ସ୍ଥିର ହୋଇଛି। ପରେ ଝୁଝୁମୁରା ବ୍ଲକ୍ ଅଫିସ ପରିସରରେ ଥିବା ହକି ଟର୍ଫକୁ ଏହି ଟିମ୍ ଦେଖିଥିଲେ। ସେଠାରେ ହକି ଟର୍ଫରେ ଅନାବନା ଲଟା ଉଠିବା ହେବା ସହ ଚିରି ଯାଉଥିବାରୁ ଏହି ଟିମ୍ ବିରକ୍ତି ପ୍ରକାଶ କରିଛି। କାମରେ ଦେଢ ବର୍ଷ ବିଳମ୍ବ ହେବାରୁ ହକି ଟର୍ଫ ନଷ୍ଟ ହୋଇଯାଉଛି। ଶୀଘ୍ର କାମ ସାରିବାକୁ କଡା ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ କାମର ମାନ ଉପରେ ଗୁରୁତ୍ୱ ଦେଇ କିଭଳି କାମ କରାଯିବ ସେନେଇ ଲିଖିତ ଭାବେ ରିପୋର୍ଟ ଦେବାକୁ କହିଛନ୍ତି। ଜିଲା କ୍ରୀଡା ଅଧିକାରୀ ଆଶୁତୋଷ ନାୟକ, କାମ ନେଇଥିବା ଏଜେନ୍ସିର ଲଳିତ ମହାନ୍ତି ଓ ମାଧୋ ସିଂ ହକି ଏକାଡେମୀର ଲକ୍ଷ୍ମୀଧର ମହାନ୍ତି, ଗଡଲୁଇସିଂ ସରପଞ୍ଚ ଅଶ୍ୱିନୀ କୁମୁରା, ବୀରେନ ଭୋଇ, ପ୍ରଫୁଲ ମିର୍ଦ୍ଧା, ଅରୁଣ ଦେହୁରୀ, ହୃଷୀକେଶ ଅମାନ୍ତ, କିରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ହକି ଟର୍ଫ ବିଛାଇବା ପରେ ଏହାର ସ୍ଥାୟିତ୍ୱକୁ ନେଇ ସନ୍ଦେହ ହେଉଛି। ତେଣୁ ନୂଆ ଟର୍ଫ ଦିଆଯାଉ। ପୂର୍ବ ଘୋଷଣା ଅନୁସାରେ ଆଉ ଏକ ଉନ୍ନତମାନର ଖେଳ ପଡ଼ିଆ ଏଠାରେ ନିର୍ମାଣ କରାଯାଉ। ଫଳରେ କ୍ରିକେଟ, ଫୁଟବଲ, କବାଡି ଭଳି ଅନ୍ୟାନ୍ୟ ଖେଳ ହୋଇ ପାରିବ। ହକି ଟର୍ଫ ବିଛାଇବା କାମ ମଧ ଆରମ୍ଭ ହେଉ ବୋଲି ଟିମ୍ ନିକଟରେ ଦାବି କରାଯାଇଛି।

